# ମାଓବାଦୀଙ୍କ ବନ୍ଦ ସାଙ୍ଗକୁ ପ୍ରଜାମେଳି

## ଭୋଟ ବର୍ଜନ ପାଇଁ ଚେତାବନୀ

ମାଲକାନଗିରି, ୫।୪(ଡି.ଏନ୍.ଏ)

ଆନ୍ଧ୍ର ପୋଲିସ ଗତ ୧୬ ତାରିଖରେ ସୀମାନ୍ତ ପେଦାବାଇଲି ଥାନା ଅଧୀନ ଏକ ଜଙ୍ଗଲରେ ୨ଜଣ ଶୀକାରିଙ୍କୁ ମାଓବାଦୀ ସନ୍ଦେହରେ ହତ୍ୟା କରିଥିଲେ। ଏହାର ପ୍ରତିବାଦର ଶୁକ୍ରବାର ମାଓବାଦୀମାନେ ବନ୍ଦ ଡାକରା ଦେଇଥିଲେ। ମାଲକାନଗିରି, କୋରାପୁଟ ବିଶାଖାପାଟଣା ଆଞ୍ଚଳିକ ମାଓବାଦୀ ସଙ୍ଗଠନ ସମ୍ପାଦକ କୈଳାଶମ୍ ଏହି ବନ୍ଦ ଡାକରା ଦେଇଥିଲେ। କିନ୍ତୁ ମାଲକାନଗିରି ଜିଲାରେ ଏହାର ପ୍ରଭାବ ପଡି ନ ଥିଲା। ମାଓବାଦୀମାନେ ଶୁକ୍ରବାର ମାଲକାନଗିରି ଉପାନ୍ତ ଅଞ୍ଚଳରେ ଏକ ପ୍ରଜାମେଳି କରି ନିର୍ବାଚନ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ସପ୍ତାହକ ମଧ୍ୟରେ ମାଓବାଦୀମାନେ ସ୍ୱାଭିମାନ ଅଞ୍ଚଳର ଅଣ୍ଡ୍ରାପାଲୀ, ପଣସପୁଟ ଆଦି ଅଞ୍ଚଳରେ ୫ଥର ଏଭଳି ପ୍ରଜାମେଳି କରି ସାରିଲେଣି। ରାଜନେତାମାନେ ଅମଲାତନ୍ତ୍ର ଓ ସାମ୍ରାଜ୍ୟବାଦୀ ସରକାରଙ୍କ ହାତବାରିସି ସାଜିଛନ୍ତି। କେବଳ ନିର୍ବାଚନ ସମୟରେ ନେତାମାନଙ୍କୁ ଲୋକଙ୍କ କଥା ମନେପଡେ। ତେବେ ଜଙ୍ଗଲ ଜମି ଓ ଆଦିବାସୀଙ୍କୁ ବିସ୍ଥାପନ କରିବା ପାଇଁ କମ୍ପାନୀ ସହ ହାତ ମିଳାଇ ରାଜନେତାମାନେ କିଭଳି ଭାବେ ଆଦିବାସଙ୍କୁ ହଇରାଣ କରୁଛନ୍ତି ବୋଲି ସେମାନେ କହିଛନ୍ତି। ଏହାଛଡ଼ା ସ୍ୱାଭିମାନ ଅଞ୍ଚଳରେ ପାନୀୟଜଳ, ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଭଳି ସାଧାରଣ ସୁବିଧାରୁ ଲୋକମାନେ ବଞ୍ଚିତ ହେଉଛନ୍ତି। ତେଣୁ ଏଭଳି ଗଣତନ୍ତ୍ରକୁ ପ୍ରତ୍ୟାଖାନ କରିବାକୁ ସେମାନେ କହିଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

କାଲିମେଲା,୫।୪(ଡି.ଏନ୍.ଏ.)

ପାରିବରିକ କଳହକୁ କେନ୍ଦ୍ର କରି ମାଲକାନଗିରି ଜିଲା କାଲିମେଲା ବ୍ଲକ ଭେଙ୍କଟାପଲମ ପଞ୍ଚାୟତ ଏମଭି-୧୦୬ ଗ୍ରାମର ଜଣେ ମହିଳା କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଉକ୍ତ ଗାଁର ବଳରାମ ପାଲଙ୍କ ସ୍ତ୍ରୀ ମମତା(୪୦)।

ପ୍ରକାଶ ଯେ, ମମତାଙ୍କ ସ୍ୱାମୀ ଘରେ ନ ଥିବା ସମୟରେ ତାଙ୍କର ପରିବାରର ଅନ୍ୟମାନଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ମମତା ଉତ୍‌କ୍ଷିପ୍ତ ହୋଇ ଘରଠାରୁ କିଛି ଦୂରରେ ଥିବା ଚାଷ ଜମିରେ ନିଛାଟିଆ ଦେଖି ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। କିଛି ଲୋକ ଏହାଦେଖି ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ମମତା ପ୍ରାୟ ଅଧା ପୋଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ନବବିବାହିତାଙ୍କ ଆତ୍ମହତ୍ୟା

ମାଲକାନଗିରି, ୫।୪(ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମା କୁମୁଟିଗୁଡାର ଜଣେ ନବବିବାହିତା ଶୁକ୍ରବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅରୁଣ ହରିଜନଙ୍କ ସ୍ତ୍ରୀ ପିଙ୍କି। ବର୍ତ୍ତମାନ ସୁଦ୍ଧା ତାଙ୍କ ଆତ୍ମହତ୍ୟା କାରଣ ସ୍ପଷ୍ଟ ହୋଇନାହିଁ। ଅରୁଣ ଓ ପିଙ୍କି ଗତ ଚାରିମାସ ତଳେ ପ୍ରେମ ବିବାହ କରିଥିଲେ। କିନ୍ତୁ ଶୁକ୍ରବାର ଘରେ କେହି ନ ଥିବା ସମୟରେ ପିଙ୍କି ବେକରେ ରଶି ଲଗାଇ ଦେଇଥିଲେ। ଝୁଲୁଥିବା ଅବସ୍ଥାରେ ପଡୋଶୀ ଏବଂ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଅଙ୍ଗନୱାଡି, ଆଶାକର୍ମୀଙ୍କୁ ତାଲିମ

ଚିତ୍ରକୋଣ୍ଡା, ୫।୪(ଡି.ଏନ୍.ଏ.)

ଲୋକଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବାକୁ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଧୀନ ଆରଏସସି-୯ ନମ୍ବର ଏବଂ ସ୍ପିଲବାଇରେ ଅଙ୍ଗନୱାଡି ଓ ଆଶାକର୍ମୀଙ୍କୁ ତାଲିମ ଦିଆଯାଇଛି। ୟୁନିସେଫ ପ୍ରକଳ୍ପ ଓ ପରିବର୍ତ୍ତନ ସଂସ୍ଥା ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ପିଲବାଇ,ଦୋରାଗୁ ଓ କାକରପଡା ଉପସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ଅଙ୍ଗନୱାଡି ଏବଂ ଆଶା କର୍ମୀ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ସମ୍ବଳ ଅଧିକାରୀଭାବେ ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ଏବଂ ଆଇସି ସୁପରଭାଇଜର ଚାରୁଲତା ଦାସ, ଶରତ ମଞ୍ଜରି ସାଇଁ ଉପସ୍ଥିତ ଥିଲେ। ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବା, ଶିଶୁ, କିଶୋରୀ, ଗର୍ଭବତୀ ଏବଂ ପ୍ରସୂତି ମହିଳାଙ୍କ ଉପଯୁକ୍ତ ଯତ୍ନ ନେବା ସମ୍ବନ୍ଧରେ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମକୁ ୟୁନିସେଫ ପ୍ରକଳ୍ପ ଜିଲା ସଂଯୋଜକ ଜ୍ୟୋତିଷ ଦାସ ,ଚିତ୍ରକୋଣ୍ଡା ବ୍ଲକ ମଣ୍ଡଳ ସଂଯୋଜିକା ଶୁଭସ୍ମିତା ବେହେରା ଓ ଲକ୍ଷ୍ମଣ ଖିଲ ପରିଚାଳନା କରିଥିଲେ।

# ‘ଶିକ୍ଷା ସୁଯୋଗର ସମାନତା, ପ୍ରତିବନ୍ଧକ’ ଶୀର୍ଷକ ପାଠଚକ୍ର



ପାଠଚକ୍ରରେ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ଗୋବିନ୍ଦପାଲ୍ଲୀ,୫।୪(ଡି.ଏନ୍.ଏ.)

ଗୋବିନ୍ଦପାଲୀ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗରେ ଶୁକ୍ରବାର ଶିକ୍ଷା ସୁଯୋଗର ସମାନତା ପ୍ରତିବନ୍ଧକ ଓ ପଦକ୍ଷେପ ସମ୍ପର୍କିତ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ଅଧକ୍ଷ ତ୍ରୈଲୋକ୍ୟ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳମଣି ଗୋପବନ୍ଧୁ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ଅଧାପକ ରତ୍ନାକର ସାହୁ, ବିଜୁ ପଟ୍ଟନାୟକ କନିଷ୍ଠ ମହାବିଦ୍ୟାଳୟ ଶିକ୍ଷା ଅଧାପକ ଶିଶିର କୁମାର ବେହେରା ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ପ୍ରତିବନ୍ଧକ ଓ ସେଗୁଡିକର ସମାଧାନ ଦିଗରେସେମାନେ ଉପସ୍ଥାପନ କରିଥିଲେ। ଶିକ୍ଷା ବିଭାଗର ଅଧାପିକା ରେଶମା ବିବି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଅଧାପିକା ଅଧାପକ ସହଯୋଗ କରିଥିଲେ ।

■ ଭାଜପା ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର

# କେନ୍ଦ୍ର ସରକାରଙ୍କ ସଫଳତା ବଖାଣିଲେ ଦଳୀୟ ନେତା

ଚିତ୍ରକୋଣ୍ଡା, ୫।୪(ଡି.ଏନ୍.ଏ.)


ନିର୍ବାଚନୀ ସଭାରେ ଭାଜପା ନେତା ଓ ସମର୍ଥକ ।

ଚିତ୍ରକୋଣ୍ଡା ହାଟପଦାରେ ଶୁକ୍ରବାର ଭାଜପା ନିର୍ବାଚନ ପ୍ରଚାର କରିଛି। ଦଳୀୟ ନେତାମାନେ ସମର୍ଥକଙ୍କ ସହ ରୋଡ ଶୋ’ରେ ଯାଇ ହାଟପଦାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ସାମିଲ ହୋଇଥିଲେ।

ଉକ୍ତ ସମାବେଶରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମୀ, ଯୋଗଦେଇଥିଲେ। ବିଧାୟକ ପ୍ରାର୍ଥୀ ପଦୁ ମାଝି, ଜୋନ ସଭାପତି ଲଇଛନ ଆଲାଙ୍ଗ, ମଙ୍ଗଳା ଚାଲାଣ, କମଲୁ ହନ୍ତାଳ, ବଳରାମ ତାଙ୍ଗୁଲୁ , ନାକମାମୁଡି ସରପଞ୍ଚ ବିଶନାଥ ହନ୍ତାଳ ଜିଲା ଉପ ସଭାପତି ତଥା ଅର୍ଜୁନ ମୁଦୁଲି, ଅଭିମନୁ ସୁକ୍ରୀ, ସୁରେନ୍ଦ୍ର ଖରା, ପ୍ରହଲ୍ଲାଦ ଖରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ କେନ୍ଦ୍ର ସରକାରଙ୍କ ସଫଳତା ବଖାଣିବା ସହ ବିରୋଧୀଙ୍କ ଓ ବିଫଳତାର ଫର୍ଦ୍ଦ ଖୋଲିଥିଲେ। ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳ ଭୋଟକୁ ପାଥେୟ କରି ବିଧାୟକମାନେ ନିର୍ବାଚନ ବୈତରଣୀ ପାର ହୋଇଛନ୍ତି। କିନ୍ତୁ କ୍ଷମତାକୁ ଆସିବା ପରେ ସେମାନେ ଏଠାକାର ଗରିବ ଆଦିବାସୀଙ୍କ କଥା ମାନେ ପକାନ୍ତି ନାହିଁ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ସ୍ଥାନୀୟ ଅଞ୍ଚଳରୁ କେହି ହେଲେ ବିଧାୟକ ପ୍ରାର୍ଥୀ ହୋଇ ନାହାନ୍ତି, ତେଣୁ ସେମାନେ ବିଚ୍ଛିନ୍ନାଞ୍ଚଳବାସୀଙ୍କ ସୁବିଧା ଅସୁବିଧା ବୁଝି ପାରିବେ ନାହିଁ। ମୁଁ ଏଠାକାର ପିଲା, ତେଣୁ ଆପଣଙ୍କ ସମସ୍ୟା ବୁଝିବା ସହ ଏହାର ସମାଧାନ କରି ପାରିବି ବୋଲି କହି ଭାଜପା ବିଧାୟକ ପ୍ରାର୍ଥୀ ପଦୁ ମାଝି ଭୋଟ ଭିକ୍ଷା କରିଥିଲେ। ରଘୁ ଖରା, ହରିବନ୍ଧୁ ଗତନ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।




# ୭ବସ୍ତା ଗୁଟ୍‌ଖା ଜବତ

କାଶୀନଗର, ୫।୪(ଡି.ଏନ୍.ଏ.)

କାଶୀନଗର ନିକଟ ଖୁରିଗାଁ ଗ୍ରାମରେ ଏକ ଅଟୋରୁ ଗୁରୁବାର ସ୍ଥାନୀୟ ପୋଲିସ ୭ବସ୍ତା ଗୁଟ୍‌ଖା ଜବତ କରି ଜଣଙ୍କୁ ଗିରଫ କରିଛି। ସେଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି। ପ୍ରକାଶ ଯେ, ଭି. ଶିବ କ୍ରିଷ୍ଣା ନାମକଜଣେବ୍ୟକ୍ତିଏକଅଟୋ(ଏପି-୩୦ୱାଇ-୧୦୮୬)ରେ ଗୁଣପୁରରୁ ଗୁଟ୍‌ଖା ନେଇ ଆସୁଥିବାବେଳେ ପୋଲିସ ତାଙ୍କୁ ଅଟକାଇ ଥିଲା। ପରେ ଭି. ଶିବ କ୍ରିଷ୍ଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ପୋଲିସ ୩୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର,୫।୪(ଡି.ଏନ.ଏ.)

ଗାଲେରୀ ଫାଣ୍ଡି ବଦାଙ୍ଗିର ମଉନାବତି ନାୟକ ଗୁରୁବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସପିଟାଲକୁ ପଠାଇ ଦେଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।



■ ଲାଲଗଡ଼ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

# ବଙ୍ଗୀୟ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇ ମାଗିଲେ ଭୋଟ

କାଲିମେଳା/ମାଲକାନଗିରି, ୫।୪(ଡି.ଏନ୍.ଏ.)


ମୁଖ୍ୟମନ୍ତ୍ରୀ କାଲିମେଳାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ମାଲକାନଗିରି ଜିଲାର ଲାଲ ଗଡ଼ଭାବେ ପରିଚିତ କାଲିମେଳା ଓ ମାଥିଲିରେ ଶୁକ୍ରବାର ନିର୍ବାଚନୀ ପ୍ରଚାର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀ ପଟ୍ଟନାୟକ। ଜିଲାର ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ରହିଛନ୍ତି ବଙ୍ଗୀୟ ଶରଣାର୍ଥୀ। ତାଙ୍କ ଭୋଟ ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରିବ। ସେଥିପାଇଁ ସେମାନଙ୍କ ଭୋଟ ଉପରେ ସବୁ ଦଳର ନଜର। ବଙ୍ଗୀୟ ଭୋଟ ବ୍ୟାଙ୍କ ହାତେଇବାକୁ ସେମାନଙ୍କର ଥିବା ସମସ୍ତ ସମସ୍ୟାର ନିଜେ ସମାଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର କାଲିମେଳା ନିର୍ବାଚନୀ ସଭାରେ ଯୋଗଦେଇ ପ୍ରତିଶ୍ରୁତି ଦେଇଛନ୍ତି।

ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ କାଲିମେଳାରେ ପହଞ୍ଚି ଥିଲେ ମୁଖ୍ୟମନ୍ତ୍ରୀ। ସେଠାରେ ଜିଲା ବିଜେଡି ସଭାପତି ମାନସ ମାଡକାମି, ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ରମେଶ ମାଝି, ମାଲକାନଗିରି ବିଧାୟକ ପ୍ରାର୍ଥୀ ମୁକୁନ୍ଦ ସୋଡି ମୁଖ୍ୟମନ୍ତ୍ରୀଙ୍କୁ ସଭା ମଞ୍ଚକୁ ପାଛୋଟି ନେଇଥିଲେ। ୧୫ ମିନିଟ ଅଭିଭାଷଣରେ କେନ୍ଦ୍ର ସରକାର ଓ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ ମୁଖ୍ୟମନ୍ତ୍ରୀ। କେନ୍ଦ୍ର ଅବହେଳା କଥା ଉଠାଇ ସେ ପୋଲାଭରମ ପ୍ରକଳ୍ପ କାହା ସ୍ୱାର୍ଥରେ ଚାଲୁଛି ବୋଲି ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର କେବିକେ ଯୋଜନା ସହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ଛାତ୍ର ବୃତ୍ତି ବନ୍ଦ କଲେ। ଓଡିଶାରେ ବଡ ବଡ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେହି ଆସିଲେ ନାହିଁ। ଏବେ କେନ୍ଦ୍ର କୁମ୍ଭୀର କାନ୍ଦଣା କାନ୍ଦୁଛି। ଓଡିଶାବାସୀ ଏହାର ଉଚିତ ଜବାବ ଦେବେ। ସାଢେ ୪ କୋଟି ଓଡିଶାବାସୀ ମୋ ପରିବାର। ବିଜେଡି ପରିବାର ଆପଣଙ୍କ ସହ ସବୁବେଳେ ଅଛି। ଆଗ ଅପେକ୍ଷା ଜିଲାରେ ବହୁ ବିକାଶ ହୋଇଛି। ଗୁରୁପ୍ରିୟା ସେତୁଠାରୁ ଆରମ୍ଭ କରି ରାସ୍ତାଘାଟ, ବଡ ମେଡିକାଲ ଏଭଳି ବହୁ ଯୋଜନା କାର୍ଯ୍ୟକାରୀ ହୋଇଛି। ଯାହା ବାକି ରହିଛି ତାହା ଆଗାମୀ ଦିନରେ ପୂରଣ ହେବ ବୋଲି ମଞ୍ଚାସୀନ ଅନ୍ୟ ନେତାମାନେ କହିଥିଲେ। ମାନସ ମାଡକାମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଭାଷଣ ସମୟରେ ମହିଳାମାନଙ୍କ ହୁଳହୁଳିରେ ସଭାସ୍ଥଳ କମ୍ପି ଉଠୁଥିଲା। କେତେକ ମହିଳା ଶଙ୍ଖ ଚିହ୍ନ ଚିତ୍ରିତ ଶାଢି ପିନ୍ଧି ଆସିଥିବା ଦେଖିବାକୁ ମିଳିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ଆଚାର୍ଯ୍ୟ, ବିଜେଡି ନେତା ପ୍ରଭାକର ପ୍ରଧାନ, ଗଣେଶ ମଣ୍ଡଳ, ରୁଦ୍ର ପାତ୍ର, ଶରତ ଚନ୍ଦ୍ର ବିଶ୍ୱାଳ, କାର୍ତ୍ତିକ ଦେବନାଥ, ଇ.ଭେଙ୍କଟ ରାଓ, ଦିଲ୍ଲୀପ ବିଶ୍ୱାସ, ମନୋଜ ବାରିକ, ବଂଶୀଧର ମୁଦୁଲି, ପରିତୋଷ ସରକାର, ସି.ଏଚ.ରେବିଟ, ଅଞ୍ଜନ ବିଶ୍ୱାସ, ଅଶୋକ ପାଲ, ଗଙ୍ଗା କାରାମ, ଅନୁପ ମିସ୍ତ୍ରି ପ୍ରମୁଖ ଉପସ୍ଥିତ ଥିଲେ।

ପରେ ମୁଖ୍ୟମନ୍ତ୍ରୀ ୧୨.୩୦ରେ କାଲିମେଳାରୁ ମାଥିଲି ବ୍ଲକ ଯାଇ ସେଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ। ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ଡମ୍ବରୁ ଶିଶା ଏବଂ ଦଳୀୟ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲାର ବିକାଶ ପାଇଁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ।

# ସରୁଛି ସମୟ, ବଢୁଛି ପ୍ରଚାର

ଗୁଣପୁର,୫।୪(ଡି.ଏନ.ଏ)

ପ୍ରଚାର ପାଇଁ ଆଉ ମାତ୍ର ୪ ଦିନ ସମୟ ରହିଲା । ନିର୍ବାଚନ ଯେତେ ପାଖେଇ ଆସୁଛି ପ୍ରଚାର ସେତେ ଜୋର ଧରିବାରେ ଲାଗିଛି । ବିଶେଷକରି ରାୟଗଡା ଜିଲାର ରାମନାଗୁଡାରେ ଦୁଇ ପ୍ରମୁଖ ଦଳ ବିଜେଡି ଏବଂ କଂଗ୍ରେସ ପକ୍ଷରୁ ପ୍ରଚାର ଜୋରଦାର ହୋଇଛି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଗୁଡାରିରେ ପ୍ରଚାର ଅଭିଯାନକୁ ଜୋର କରିଛନ୍ତି।

ଶୁକ୍ରବାର ରାମନାଗୁଡା ଅଞ୍ଚଳରେ ବିଜେଡି ପ୍ରାର୍ଥୀ ରଘୁନାଥ ଗମାଙ୍ଗ ତାଙ୍କ ସମର୍ଥକଙ୍କୁ ନେଇ ପ୍ରଚାର କରିଥିଲେ । ସେହିପରି କଂଗ୍ରେସ ଦଳ ତରଫରୁ ମଧ୍ୟ ଜୋରଦାର ପ୍ରଚାର କରାଯାଇଥିଲା। ବିଜେଡି ନୂତନ ପ୍ରାର୍ଥୀଙ୍କୁ ନେଇ ଗଡ ରକ୍ଷା ଉଦ୍ୟମରେ ଲାଗି ପଡିଥିବାବେଳେ କଂଗ୍ରେସର ପୁରୁଷୋତ୍ତମ ଗମାଙ୍ଗ ଜିଲା ପରିଷଦରେ ନିଜର ସଫଳତାକୁ ନେଇ ନିର୍ବାଚନ ବୈତରଣୀ ପାର ହେବା ଲକ୍ଷ୍ୟ ରଖିଛନ୍ତି । ସେପଟେ ବିଧାୟକ ପ୍ରାର୍ଥୀ ତ୍ରିନାଥ ଗମାଙ୍ଗ ବିଜେଡି ପକ୍ଷରୁ ତାଙ୍କୁ କିପରି ଅଣଦେଖା କରାଯାଇଛି, ନିର୍ମଳ ଭାବମୂର୍ତ୍ତି ଏବଂ ତାଙ୍କର ବିଧାୟକ ସମୟରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଆଧାରକରି ନିର୍ବାଚନ ଜିତିବା ଆଶା ବାନ୍ଧିଛନ୍ତି । ସେହିପରି ଅନ୍ୟ ଦଳ ପକ୍ଷରୁ ଗୁଣପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର ଚାଲୁ ରହିଛି ।


ବିଜେଡି ପ୍ରାର୍ଥୀ ପ୍ରଚାର ଚଳାଇଛନ୍ତି।

# ରୋଗାକ୍ରାନ୍ତ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ

## ବିଭାଗୀୟ ଅଧିକାରୀଙ୍କୁ ଧରି ଖସିଯାଇଛନ୍ତି ସକ୍ଷମ

ନବରଙ୍ଗପୁର,୫।୪(ବି.ପ୍ର.)

ନବରଙ୍ଗପୁର ଜିଲାରେ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସର ନିୟୋଜନରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏପରିକି ରୋଗାକ୍ରାନ୍ତ ଓ ଶଯ୍ୟାଶାୟୀଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ବେଳେ ସକ୍ଷମ ଖସି ଯାଇଛନ୍ତି। ଏପରିକି ୨୦୧୪ ନିର୍ବାଚନରେ ଯେଉଁ କର୍ମଚାରୀଙ୍କୁ ପ୍ରିଜାଇଡିଂ ଅଫିସର ଭାବେ ନିୟୋଜିତ କରାଯାଇଥିଲା। ଚଳିତ ନିର୍ବାଚନରେ ସେମାନଙ୍କ ମଧ୍ୟରୁ ଅଧିକାଂଶକୁ ପୋଲିଂ ଅଫିସର ଭାବେ ନିୟୋଜିତ କରାଯାଇଥିବା ଯୋଗୁ ସେମାନଙ୍କ ବରିଷ୍ଠତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କର୍ମଚାରୀଙ୍କ ଅବସର ସମୟ ନିର୍ବାଚନ ତାରିଖର ୬ ମାସରୁ କମ ଥିଲେ ସେହି କର୍ମଚାରୀଙ୍କୁ ନିର୍ବାଚନରେ ନିୟୋଜିତ କରାନଯିବାକୁ ନିର୍ବାଚନ କମିଶନଙ୍କ ସ୍ପଷ୍ଟ ନିର୍ଦ୍ଦେଶନାମା ରହିଛି। କିନ୍ତୁ ଯେଉଁ କର୍ମଚାରୀଙ୍କ ଅବସର ସମୟ ୬ ମାସ ମଧ୍ୟରେ ହେବାକୁ ରହିଛି ସେମାନଙ୍କୁ ଚଳିତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଛି । ବିଭିନ୍ନ ସରକାରୀ ବିଭାଗରେ ବହୁ ସରକାରୀ କର୍ମଚାରୀ ନିଜ ନାମକୁ ଚତୁରତାର ସହ ନିର୍ବାଚନ କାର୍ଯ୍ୟରୁ ନାମ ହଟାଇ ନିଶ୍ଚିତରେ ରହିଛନ୍ତି। କିନ୍ତୁ ଯେଉଁମାନେ ଜଟିଳ ରୋଗରେ ପୀଡିତ ଓ ଦୁର୍ଘଟଣାଗ୍ରସ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି ସେମାନଙ୍କୁ ଜୋର ଜବରଦସ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଭୟ ଦେଖାଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଅଭିଯୋଗ ହେଉଛି । ବୃହତ ଇନ୍ଦ୍ରାବତୀ ପ୍ରକଳ୍ପର ବହୁ ବରିଷ୍ଠ କର୍ମଚାରୀ ପୂର୍ବ ନିର୍ବାଚନରେ ପିଜାଇଡିଂ ଅଫିସର ଭାବେ କାର୍ଯ୍ୟ କରୁଥିବା ବେଳେ ଚଳିତ ନିର୍ବାଚନରେ ସେମାନଙ୍କ ମଧ୍ୟରୁ ଅଧିକାଂଶକୁ ପୋଲିଂ ଅଫିସର ଭାବେ ନିୟୋଜିତ କରାଯାଇଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେତେକ କର୍ମଚାରୀ ନିର୍ବାଚନ ବିଭାଗର ନିକଟତମ ଅଫିସରଙ୍କୁ ଧରାଧରି କରି ନିଜର ନାମକୁ ନିର୍ବାଚନ କାର୍ଯ୍ୟରୁ ବାଦ ଦେଇଛନ୍ତି। ଯୋଗ୍ୟ ତଥା ଶାରିରିକ କାର୍ଯ୍ୟକ୍ଷମ କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କରାଯାଇ ନଥିବା ବେଳେ ରୋଗାଗ୍ରସ୍ତକୁ ଏଥିରେ ନିୟୋଜିତ କରାଯାଇଛି। ନବରଙ୍ଗପୁର ଜଳସେଚନ ବିଭାଗ ଜନୈକ ସହକାରୀ ଯନ୍ତ୍ରୀ କାମଳ ରୋଗରେ ପୀଡିତ ହୋଇ ବିଶାଖାପାଟଣାରେ ଚିକିତ୍ସାଧିନ ଅବସ୍ଥାରେ ରହିଛନ୍ତି । ସହକାରୀ ଯନ୍ତ୍ରୀଙ୍କୁ ପିଜାଇଡିଂ ଅଫିସର ଭାବେ କାର୍ଯ୍ୟ କରିବାକୁ ବିଭାଗୀୟ କାର୍ଯ୍ୟାଳୟରୁ ଚିଠି ଦିଆ ଯାଇଥିବା ଯୋଗୁଁ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ବ୍ଲକର ଜଣେ ଶିକ୍ଷକ ଦୀର୍ଘ ୨ ବର୍ଷ ହେବ ରୋଗାକ୍ରାନ୍ତ ହୋଇ ଚାଲିବା ଓ ଠିଆ ହେବାରେ ସକ୍ଷମ ନଥିବା ଓ ଏକ ବର୍ଷ ଶଯ୍ୟାଶାୟୀ ଭାବେ ରହି ନିଜର କଷ୍ଟ ଅନୁଭବ କରୁଛନ୍ତି। ସେହିଭଳି ଇନ୍ଦ୍ରାବତୀ ଓ ପଡାଗଡ ବନ୍ଧ ବିଭାଗ ଅଧିନରେ କାର୍ଯ୍ୟରତ ଦୁଇ ଜଣ ବରିଷ୍ଠ କର୍ମଚାରୀଙ୍କ ମଧ୍ୟରେ ଜଣେ କର୍କଟ ରୋଗରେ ପୀଡିତ ହୋଇ କଟକରେ ଚିକିତ୍ସାଧିନ ଥିବା ବେଳେ ଅନ୍ୟ ଜଣଙ୍କ ଗୋଡ ଅସ୍ତ୍ରୋପଚାର ହୋଇ ଦୀର୍ଘ ଦିନ ହେବ ଭୁବନେଶ୍ୱର ଠାରେ ଚିକିତ୍ସାଧିନ ରହିଛନ୍ତି । ସେମାନଙ୍କୁ ନିର୍ବାଚନ କାର୍ଯ୍ୟରେ ଯୋଗ ଦେବାକୁ ଚିଠି କରାଯାଇଛି । ସେହଭଳି ଅନ୍ୟ ଜଣେ ସରକାରୀ କର୍ମଚାରୀଙ୍କ ପେଟ ଅସ୍ତ୍ରୋପଚାର ପାଇଁ ନବରଙ୍ଗପୁର ଖ୍ରୀଷ୍ଟିୟାନ ହସ୍ପିଟାଲର ଏପ୍ରିଲ ୧୦ ତାରିଖ ଦିନ ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ୧୧ ତାରିଖରେ ପଡୁଥିବାରୁ ସମ୍ପୃକ୍ତ କର୍ମଚାରୀ ଆଶଙ୍କା ମଧ୍ୟରେ ରହିଛନ୍ତି । ଚନ୍ଦାହାଣ୍ଡି ବ୍ଲକ ପଞ୍ଚାୟତିରାଜ ବିଭାଗରେ ଜଣେ କର୍ମଚାରୀ ୧୫ ଦିନ ତଳେ ଦୁର୍ଘଟଣାରେ ସମ୍ମୁଖିନ ହୋଇ ଶଯ୍ୟାଶାୟୀ ଥିଲେ ହେଁ ଉକ୍ତ କର୍ମଚାରୀଙ୍କୁ ତୃତୀୟ ପୋଲିଂ ଅଫିସର ଭାବେ ନିର୍ଦ୍ଦେଶନାମା ଜାରି କରାଯାଇଛି । ଜିଲା ପ୍ରଶାସନ ତଥା ଜିଲାପାଳ ଏହାର ତଦନ୍ତ କରିବାକୁ ଦାବି ହେଉଛି।

# କଂଗ୍ରେସ ଗଡ଼ ହାତେଇବା ଆଶାରେ ବିଜେଡି

## ଦୁଇ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ

କୁନ୍ଦୁରା,୫।୪(ଡି.ଏନ୍.ଏ.)

ବିଜୁ ଜନତା ଦଳ ଶାସନ କରିବାର ୧୯ ବର୍ଷ ହୋଇଥିଲେ ମଧ୍ୟ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଯାବତ୍ କଂଗ୍ରେସ ଗଡ଼ ହୋଇ ରହିଛି। ନବରଙ୍ଗପୁର ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ରମେଶ ଚନ୍ଦ୍ର ମାଝିଙ୍କୁ ପ୍ରାର୍ଥୀ କରିଥିବା ବେଳେ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପଦ୍ମିନୀ ଦିଆନଙ୍କୁ ପ୍ରାର୍ଥୀ କରିଛି। ବର୍ତ୍ତମାନ ଏଠାରେ ବିଜୁ ଜନତା ପକ୍ଷରୁ ଷ୍ଟାର ପ୍ରଚାରକ ଭାବେ ୬ ତାରିଖ କୁନ୍ଦୁରା ସଦରସ୍ଥିତ ଶାସ୍ତ୍ରୀ ମଇଦାନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ସମାବେଶରେ ଯୋଗଦେବେ। କୁନ୍ଦୁରା ବ୍ଲକ ବିଜୁ ଜନତା ଦଳ ସଭାପତି ବୃନ୍ଦାବନ ମଲ୍ଲିକ ଏହି ସୂଚନା ଦେଇଛନ୍ତି । ମଇଦାନରେ କଂଗ୍ରେସ, ଭାଜପା, ବିଜେଡି ସମେତ ସ୍ୱାଧୀନ ପ୍ରାର୍ଥୀ ରହିଥିବା ବେଳେ କୋଟପାଡ଼ ନିର୍ବାଚନମଣ୍ଡଳୀରେ କଂଗ୍ରେସ, ଭାଜପା ଏବଂ ବିଜେଡି ଭିତରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଭୋଟରଙ୍କୁ କେଉଁ ଦଳ ପ୍ରଭାବିତ କରିବ ତା'ଉପରେ ସମସ୍ତଙ୍କ ନଜର । ମୁଖ୍ୟମନ୍ତ୍ରୀଙ୍କ ଆସିବା ପରେ ଉପସ୍ଥିତ ଭୋଟରଙ୍କୁ କେଉଁଭଳି ଆକୃଷ୍ଟ କରିବେ, ତାହା ଉପରେ ଦୃଷ୍ଟି ରହିଛି।

ପ୍ରତି ନିର୍ବାଚନରେ ଏଠାରେ ନୂଆଁ ମୁହଁ ଦେଖିବାକୁ ମିଳୁଛି । ୨୦୧୪ ସାଧାରଣ ନିର୍ବାଚନରେ ନୂଆ ମୁହଁ ଭାବେ ବଳଭଦ୍ର ମାଝିଙ୍କ ଉପରେ ଦଳ ଆସ୍ଥା ରଖି ଏମ୍‌ପି ପ୍ରାର୍ଥୀ କରିଥିବା ବେଳେ ଲୋକସମ୍ପର୍କ ଏବଂ କର୍ମୀଙ୍କ କାର୍ଯ୍ୟଶୈଳୀ ବଳରେ ସେ କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝିଙ୍କୁ ୨ହଜାରରୁ କମ୍ ଭୋଟରେ ହରାଇଥିଲେ । ୨୦୧୯ରେ ତାଙ୍କୁ ବିଜେଡି ପ୍ରାର୍ଥୀ ନ କରି ଏଠାରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କୁ ପ୍ରାର୍ଥୀ କରାଗଲା । ସେହିଭଳି ଭାବେ ୨୦୧୪ ସାଧାରଣ ନିର୍ବାଚନରେ କୋରାପୁଟ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ପୁଅ ଅଶୋକ ପାଙ୍ଗୀଙ୍କୁ ବିଜୁ ଜନତା ଦଳ ପ୍ରାର୍ଥୀ କରିଥବା ବେଳେ କୋଟପାଡ ନିର୍ବାଚନ ମଣ୍ଡଳୀରେ ସେ ଅମାନତ ହରାଇଥିଲେ । କିନ୍ତୁ ଚଳିତ ସାଧାରଣ ନିର୍ବାଚନରେ ମହିଳାଙ୍କୁ ଆଖି ଆଗରେ ରଖି କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ପଦ୍ମିନୀ ଦିଆନଙ୍କୁ ପ୍ରାର୍ଥୀ କରାଯାଇଛି ।

ନବରଙ୍ଗପୁର ଲୋକସଭା ସଂସଦୀୟ କ୍ଷେତ୍ରରୁ ୪ ଜଣ ଏବଂ କୋଟପାଡ, ବିଧାନସଭା କ୍ଷେତ୍ରରୁ ୪ ଜଣ ଦାମୀ ନେତା ମଇଦାନରେ ଲଢ଼େଇ କରୁଥିବା ବେଳେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳିବ । ୨୦୧୪ ନିର୍ବାଚନରେ ମଧ୍ୟ ଦଳ ମୁଖ୍ୟମନ୍ତ୍ରୀଙ୍କୁ ଆଣି ସମାନ ସ୍ଥାନରେ ସମାବେଶ କରିଥିଲା । ଚଳିତ ଥର ମୁଖ୍ୟମନ୍ତ୍ରୀ ଏକା କୁନ୍ଦୁରା ଆସି ନିର୍ବାଚନ ସମାବେଶରେ ଯୋଗ ଦେଇଥିବା ବେଳେ ଚଳିତଥର କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଆ ଅଭିନେତ୍ରୀ ଏଲିନା ଏବଂ ଯୁବ କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ହ୍ୟୁମାନ ସାଗର ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା କୁନ୍ଦୁରା ବିଜୁ କାର୍ଯ୍ୟାଳୟ ତରଫରୁ ସୂଚନା ମିଳିଛି । ଗତ ଦିନରେ ହୋଇଥିବା ନିର୍ବାଚନଗୁଡିକ ମଧ୍ୟରୁ ଚଳିତ ନିର୍ବାଚନ ପ୍ରାର୍ଥୀଙ୍କ ପାଇଁ କଷ୍ଟସାଧ୍ୟ ହେଉଛି । କଂଗ୍ରେସ ଦଳରେ ପୁରୁଣା ମୁହଁ ଛାଡିଦେଲେ ବିଜେଡି ଏବଂ ଭାଜପାର ନୂଆ ମୁହଁ ରହିଥିବା ବେଳେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଲୋକଙ୍କୁ ବୁଝାଇବା ସହ ସ୍ଥାନୀୟ କର୍ମୀଙ୍କ ଦ୍ୱାରା ଲୋକ ନିକଟରେ ପହଞ୍ଚି ଦଳ ସମର୍ଥନ କରିବାରେ ଲୋକଙ୍କୁ ନିକଟତର ହୋଇପାରୁଛନ୍ତି । କୋଟପାଡ଼ ନିର୍ବାଚନ ମଣ୍ଡଳୀରେ ଚଳିତ ୨୦୧୯ ସାଧାରଣ ନିର୍ବାଚନ ରହିଥିବା ବେଳେ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀ ଏବଂ ଏମ୍‌ପି ପ୍ରାର୍ଥୀଙ୍କ ନିମନ୍ତେ ମୁଖ୍ୟ ମନ୍ତ୍ରୀଙ୍କ ଗସ୍ତ ଭାଗ୍ୟ ନିର୍ଦ୍ଧାରଣ କରିବା ଜଣାପଡୁଛି ।

# ଯାଞ୍ଚ ବେଳେ ୨.୯ ଲକ୍ଷ ଟଙ୍କା ଜବତ

ପାରଳାଖେମୁଣ୍ଡି/ଗୋଷାଣୀ, ୫।୪ (ସ୍ୱ.ପ୍ର./ଡି.ଏନ.ଏ)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୋଲିସ ପାଟ୍ରୋଲିଂ ସମୟରେ ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ମୁଖ୍ୟ ରାସ୍ତାରେ ସନ୍ଦେହରେ ଏକ ସ୍କୋର୍ପିଓ ଗାଡି(ନଂ.ଏପି୩୫ପି ୨୦୩୦)କୁ ଅଟକାଇ ଯାଞ୍ଚ କରିଥଲା। ସେଥିରୁ ୬୫ହଜାର ନଗଦ ଟଙ୍କା ଜବତ ହୋଇଥିଲା । ଏହି ଗାଡିଟି କାଶୀନଗରରୁ ପାରଳାଖେମୁଣ୍ଡିକୁ ଆସୁଥିଲା। ଏଥିରେ ସୀମାନ୍ତବର୍ତ୍ତୀ ଆନ୍ଧ୍ର ପ୍ରଦେଶ ରାଜ୍ୟର ୱାଇ.ଏସ୍.ଆର୍. କଂଗ୍ରେସର କେ.ରାମମୂର୍ତ୍ତୀଙ୍କ ସହ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲା ରଙ୍ଗା ଗ୍ରାମର ୭ ଜଣ କର୍ମୀ ଆସୁଥିଲେ। ଉକ୍ତ ଅର୍ଥ ଜବତପରେ ଏହା ପାରଳାଖେମୁଣ୍ଡି ସ୍ଥିତ ଫ୍ଲାଇଂ ସ୍କାର୍ଡ ହସ୍ତାନ୍ତର କରାଯାଇଥିବା ଏସ୍.ଆଇ. ଶରତ ଚନ୍ଦ୍ର ରାୟ ସୂଚନା ଦେଇଛନ୍ତି। ସେହିପରି ପ୍ରତ୍ୟୁଷ ରଞ୍ଜନ ପାଣି ବାଇକରେ ଯାଉଥିବା ବେଳେ ଫରେଷ୍ଟ ଛକ ନିକଟରୁ ପୋଲିସ ଯାଞ୍ଚ କରି ୫୦ ହଜାର ଟଙ୍କା ଜବତ କରିଛି। ଗୁରୁବାର ବିଳମ୍ବିତ ରାତିରେ ଗୋଷାଣୀ ବ୍ଲକ ଗାରାବନ୍ଧ ଥାନା ଅଞ୍ଚଳରେ ଗାଡି ଯାଞ୍ଚ ଚାଲିଥିବା ବେଳେ ପୋଲିସ ୨ ଟି ବାଇକରୁ ମୋଟ ୯୪ ହଜାର ଟଙ୍କା ଜବତ କରିଛି। ଗୁରାଣ୍ଡି ଥାନା ଅନ୍ତର୍ଗତ କଷ୍ଟାଗଡ ଗାଁର କେ. ସନ୍ତୋଷ ବାଇକରେ (ଏପି୩୦-୪୧୩୫)ରେ ପାରଳାଖେମୁଣ୍ଡି ଯାଉଥିବା ବେଳେ ତାହାକୁ ଅଟକାଇ ପୋଲିସ ଯାଞ୍ଚ କରିଥିଲା। ସେହି ଗାଡିରୁ ୪୪୫୦୦ ଟଙ୍କା ଜବତ କରାଯାଇଥିଲା। ସେହିପରି ପାରଳାଖେମୁଣ୍ଡି ଆସୁଥିବା ଆଉ ଏକ ବାଇକରୁ ୪୯୫୦୦ ଟଙ୍କା ଜବତ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଏହି ଟଙ୍କାକୁ ଫ୍ଲାଇଂ ସ୍କାର୍ଡକୁ ପ୍ରଦାନ କରାଯାଇଛି। ତେବେ ଗୁରୁବାର ମଧ ରାଣୀପେଣ୍ଠ ଛକରୁ ୨ଟି ଭିନ୍ନ ଗାଡିରୁ ପୃଥକ ଭାବେ ୧ଲକ୍ଷ ୫୦ହଜାର ଟଙ୍କା ପୋଲିସ ପକ୍ଷରୁ ଜବତ କରାଯାଇଥିଲା ।

# ଭୋଟିଂକୁ ବିରୋଧ କଲା ନବ ନିର୍ମାଣ କୃଷକ ସଙ୍ଗଠନ

ଜୟପୁର,୫।୪(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ ରାସ୍ତାର ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ନବନିର୍ମାଣ କୃଷକ ସଂଗଠନ ସ୍ଥାନୀୟ ଚାଷୀଙ୍କୁ ନେଇ ଏକ ବୈଠକ କରିଛି। ଏଥିରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦେଇ ଚାଷୀଙ୍କ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାରେ ରାଜ୍ୟ ଓ କେନ୍ଦ୍ର ସରକାର ବିଫଳ ହୋଇଥିବା ବେଳେ ନିର୍ବାଚନରେ ଯୋଗଦେଇ ଚାଷୀ ଓ ସାଧାରଣ ଲୋକଙ୍କୁ ଭୋଟ ଭିକ୍ଷା କରିବା ହାସ୍ୟାସ୍ପଦ ଅଟେ । ତେଣୁ ସମସ୍ତ ଗ୍ରାମରେ ଭୋଟବାକ୍ସ ବସାଇବାକୁ ବିରୋଧ କରିବା ସହିତ ଭୋଟଦାନକୁ ବିରୋଧ କରିଛନ୍ତି। ଏନେଇ ଚାଷୀମାନଙ୍କ ପକ୍ଷରୁ ନିର୍ବାଚନରେ ସମ୍ପୂର୍ଣ୍ଣ ଭାବେ ଅସହଯୋଗ କରିବା ସହିତ ଭୋଟଦାନରୁ ବିରତ ରହିବା ପାଇଁ ପୂର୍ବରୁ ରାଷ୍ଟ୍ରପତି ରାଜ୍ୟପାଳ, ମୁଖ୍ୟ ନିର୍ବାଚନ କମିଶନଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି ।

# ହିତାଧିକାରୀଙ୍କୁ ପଟ୍ଟା ମିଳିଛି, ଜମି ଚିହ୍ନଟ ହୋଇନି

ନବରଙ୍ଗପୁର,୫।୪(ବି.ପ୍ର.)


ଜମି ଚିହ୍ନଟ ହୋଇ ନ ଥିବାରୁ ଝାଲିଆଗୁଡ଼ାର ହିତାଧିକାରୀମାନେ ପଟ୍ଟା ଦେଖାଉଛନ୍ତି।

ଆଇନ ଅନୁଯାୟୀ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ନବରଙ୍ଗପୁର ଜିଲାରେ ହିତାଧିକାରୀଙ୍କୁ ସ୍ୱତ୍ତାଧିକାର ପଟ୍ଟା ଖଣ୍ଡିଏ ଲେଖାଏଁ ଯୋଗାଇ ଦିଆଯାଇଛି । ଏଥିରୁ ହିତାଧିକାରୀଙ୍କୁ ଅନ୍ୟ କିଛି ସରକାରୀ ସୁବିଧା ସୁଯୋଗ ମିଳିପାରୁ ନାହିଁ। ଜନତାଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ନ ଦେଇ ନେତା ଗୋଟିଏ ପରେ ଗୋଟିଏ ନିର୍ବାଚନ ବୈତରଣୀ ପାର ହେଉଛନ୍ତି। ଚଳିତ ନିର୍ବାଚନରେ ହିତାଧିକାରୀ ଏହାର ସଠିକ ଜବାବ ଦେବାକୁ ଅପେକ୍ଷା କରିଛନ୍ତି।

ନବରଙ୍ଗପୁର ଜିଲାର ଅନେକ ଗାଁରେ ଲୋକମାନେ ପୂର୍ବ ପୁରୁଷ ଧରି ଜଙ୍ଗଲ ଓ ରାଜସ୍ୱ ଜମି ଦଖଲ କରି ରହି ଆସୁଛନ୍ତି। ସେଠାରେ ପଡାରୁ ବସତି ହୋଇ ଏବେ ଗାଁ, ପଞ୍ଚାୟତ ପରେ ବ୍ଲକ ସଦର ମହକମା ଗଠନ ହୋଇ ସାରିଲାଣି । ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଜଙ୍ଗଲ ଓ ରାଜସ୍ୱ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ସେଥିରେ ରାଜନୈତିକରଣ କରାଯାଇଥିବାରୁ ଅନେକ ଜଙ୍ଗଲ ମୁଳକର ଜନଜାତି ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏ ନେଇ ପ୍ରତି ମାସରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇ ଆସୁଛି । ଗାଁରୁ ବ୍ଲକ ସଦର ମହକୁମା ଭାବେ ଗଠନ ହୋଇଥିବା ରାଇଘର, ଝରିଗାଁ, ଉମରକୋଟ ବ୍ଲକର ଅନେକ ଗାଁରେ ଲୋକେ ଘରଡିହ ପଟ୍ଟା ତଥା ସ୍ୱତ୍ତାଧିକାର ପାଇ ପାରି ନାହାନ୍ତି । ଦୀର୍ଘ ବର୍ଷ ହେବ ମନ୍ତ୍ରୀ, ବିଧାୟକ,ଲୋକ ପ୍ରତିନିଧି କେବଳ ପ୍ରତିଶ୍ରୁତି ଦେଇ ଆସୁଥିବା ଅଭିଯୋଗ ହେଉଛି । ଏହାକୁ ଏଥର କଂଗ୍ରେସ ଓ ଭାଜପା ନିଜର ଇସ୍ୟୁ କରି ନିର୍ବାଚନ ମଇଦାନରେ କଥା ଉଠାଇଛନ୍ତି। ଭାଜପା ଓ କଂଗ୍ରେସର ଇସ୍ୟୁକୁ କଡା ମୁକାବିଲା କରି ବିଜେଡି ଟକ୍କର ଦେବାକୁ ଉଦ୍ୟମ କରିଛି । ବିଜେଡି କହୁଛି ଜଙ୍ଗଲ ଜମି ପଟ୍ଟା ଦେବାରେ ନବରଙ୍ଗପୁର ଜିଲା ପ୍ରଥମ ସ୍ଥାନରେ ରହିଛି । ଜିଲାରେ ୪୧,୪୦୬ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ୨୦୧୮ ଡିସେମ୍ବର ସୁଦ୍ଧା ଜିଲାରେ ୩୯,୨୧୨ ଜଣଙ୍କୁ ପଟ୍ଟା ଦିଆଯାଇଛି । ସେଥିମଧ୍ୟରୁ କୋଡିଙ୍ଗା ତହସିଲ ଅଧିନରେ ୨୨୬୫ ଜଣଙ୍କୁ, ତେନ୍ତୁଳିଖୁଣ୍ଟିରେ ୧୫୫୦, ରାଇଘର ୧୧,୧୫୨, ଚନ୍ଦାହାଣ୍ଡି ୧୩୦୯, ଉମରକୋଟ ୯୮୪୬, ପାପଡାହାଣ୍ଡି ୪୧୯୦, ନନ୍ଦାହାଣ୍ଡି ୨୮୦, ନବରଙ୍ଗପୁର ୪୯୧, ଡାବୁଗାଁ ୨୮୧୧, ଝରିଗାଁ ତହସିଲ ଅଧିନରେ ୫୩୧୮ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଯୋଗାଇ ଦିଆ ଯାଇଛି । ପରବର୍ତ୍ତୀ ସମୟରେ ଜିଲାରେ ୯୧୫ ଜଣଙ୍କୁ ଓ ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ଝରିଗାଁ ବ୍ଲକରେ ୧୨୭୯ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି । ହିତାଧିକାରୀ ଜଙ୍ଗଲ ଜମି ପଟ୍ଟା ପାଇଥିବା ମୋଟ ଜମିର ପରସୀମା ୪୮ ହଜାର ୧୬୦.୬୦ ଏକର ବୋଲି ସରକାରୀ ରିପୋର୍ଟ କହୁଛି । ହିତାଧିକାରୀଙ୍କୁ କେତେ ପରିମାଣର ଜମି ଦିଆଯାଇଛି ତାହା ପଟ୍ଟାରେ ରହିଛି । କିନ୍ତୁ ସେମାନଙ୍କ ଜମି ଚିହ୍ନଟ କରାଯାଇ ନାହିଁ । ଏହା ଦ୍ୱାରା ଜାତିଗତ ପ୍ରମାଣ ପତ୍ର, ଆବାସ ଓ ସ୍ଥାୟୀ ବାସିନ୍ଦା ଭଳି ଅନେକ ସରକାରୀ ସୁବିଧା ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି। ରାଜସ୍ୱ ଓ ଜଙ୍ଗଲ ବିଭାଗ ମିଳିତ ଭାବେ ପଟ୍ଟା ପାଇଥିବା ହିତାଧିକାରୀଙ୍କ ଜମି ଚିହ୍ନଟ ଓ ପରିସୀମା ଚିହ୍ନଟ ଏଯାଏ କରି ପାରିଲେ ନାହିଁ । ଜଙ୍ଗଲ ଜମି ପରିସୀମାକୁ ନେଇ ବିବାଦ ମଧ୍ୟ ଘଟୁଛି । ଏହାର ଅନେକ ନଜିର ରହିଛି । ସେହିପରି ଅନୁସୂଚିତ ଜାତି ଓ ଜନଜାତି ଏବଂ ସାଧାରଣ ବର୍ଗ ଏକା ଗାଁରେ ଗୋଟିଏ ସ୍ଥାନରେ ରହି ଆସୁଛନ୍ତି। ସେଠାରେ ସାଧାରଣ ବର୍ଗଙ୍କୁ ପଟ୍ଟା ମିଳୁ ନାହିଁ। ହିତାଧିକାରୀ ଜଙ୍ଗଲ ଜମି ପଟ୍ଟା ପାଇବାର ଦୀର୍ଘ ବର୍ଷ ବିତି ଗଲାଣି ତଥାପି ସେମାନଙ୍କୁ ସରକାର ଭ୍ରାନ୍ତରେ ପକାଇଛନ୍ତି । ବିଜେଡି କହୁଛି ଜମି ଚିହ୍ନଟ ପାଇଁ ପ୍ରକ୍ରିୟା ଚାଲିଛି ତାହା ହୋଇଯିବ । ବିଗତ ଦିନରେ ରାଇଘରରେ ଜଙ୍ଗଲ ଜମି ପଟ୍ଟା ପାଇଁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ କରି କଂଗ୍ରେସ ନେତାମାନେ ଆନ୍ଦୋଳନ କରିଥିଲେ। ଏଥର ଭାଜପା ମଧ୍ୟ ଏହି ପଟ୍ଟାକୁ ଇସ୍ୟୁ କରି ଫାଇଦା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି । କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଆସିଲେ ଲୋକଙ୍କୁ ପଟ୍ଟା ଦିଆଯିବ ଓ ସମସ୍ତ ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦିଆଯିବ । ଦୀର୍ଘ ବର୍ଷର ଶାସନରେ ରହିଥିବା ସରକାର ଜନସାଧାରଣଙ୍କ ଏସମସ୍ତ ଘଟଣାକୁ ହେୟଜ୍ଞାନ ଭାବେ ଗ୍ରହଣ କରି କେବଳ ପ୍ରତିଶ୍ରୁତି ଦେଇ ନିଜ ବାଟ ଫିଟାଇ ନିର୍ବାଚନ ବୈତରଣୀ ପାର ହୋଇ ଯାଇଛନ୍ତି । ଏଥର ସାଧାରଣ ନିର୍ବାଚନରେ ଭୋଟରଙ୍କ ମନରେ ଏହି କଥା ଢେର ଉଙ୍କି ମାରୁଛି । ଜଙ୍ଗଲ ଜମି ପଟ୍ଟା ଓ ଘରଡିହ ଖଣ୍ଡେ ପାଇବାକୁ ଥିବା ଜନସାଧାରଣ ଏଥର ସାଧାରଣ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

**ନିର୍ବାଚନୀ ଇସ୍ୟୁ: ଜଙ୍ଗଲ ଜମି ପଟ୍ଟା**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଏପ୍ରିଲ ୬/୨୦୧୯ Rayagada, Saturday, April 6/ 2019



ଦଶମନ୍ତପୁରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରୁଛନ୍ତି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ।




ଜୟପୁର ଦଶହରା ପଡିଆ ସଭାରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ସ୍ଥାନୀୟ ଲୋକ ।




ସେମିଳିଗୁଡାର ବାଙ୍ଗୁରୁଗୁଡା ସଭାମଞ୍ଚରେ ବିଜେଡି ପାଇଁ ପ୍ରଚାର କରୁଛନ୍ତି ଷ୍ଟାର କ୍ୟାମ୍ପେନର ।



କୋରାପୁଟର ଡୁମୁରିପୁଟ ସଭାରେ ଉପସ୍ଥିତ ମହିଳାମାନେ ।

# ବିଜେଡି ଏଜେଣ୍ଡାରେ ଚାଷୀ ୧ ନମ୍ବର

**ଜୟପୁର,୫।୪(ନି.ପ୍ର./ଡି.ଏନ୍.ଏ.)**

## ସ୍ୱତନ୍ତ୍ର ବସ୍ ଆସିଲାନି, କାର୍‌ରେ ବସିଲେ ନବୀନ

କୋରାପୁଟ ଜିଲା ଜୟପୁରରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ପ୍ରଚାର କରିବା ସହ ରୋଡ ଶୋ କରିଛନ୍ତି। ହେଲିକପ୍ଟର ଯୋଗେ ଜୟପୁର ଦଶହରା ପଡିଆରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସେଠାରେ ଅନୁଷ୍ଠିତ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କହିଥିଲେ, ବିଜେଡି ଆଜି ପର୍ଯ୍ୟନ୍ତ ଚାଷୀମାନଙ୍କୁ ପଟ୍ଟା ବଣ୍ଟନ ହେଉ ଅବା କାଳିଆ ଯୋଜନା, ସେମାନଙ୍କ ପାଇଁ ବିଜେଡି ସଦାସର୍ବଦା କାର୍ଯ୍ୟରତ । ବିଜେଡିର ଏଜେଣ୍ଡାରେ ଚାଷୀଙ୍କ କଲ୍ୟାଣକୁ ଆମେ ୧ନମ୍ବରରେ ରଖିଛୁ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଉପକୃତ ହୋଇଥିବା ବେଳେ ବଳକା ୨୫ ଲକ୍ଷ ଚାଷୀଙ୍କୁ ବିଜେଡି ସରକାର ଆସିଲେ ପ୍ରଥମ ଦିନରେ ହିଁ ଅନୁଦାନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଦଳୀୟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କା, ବିଧାୟକ ପ୍ରାର୍ଥୀ ରବି ନାରାୟଣ ନନ୍ଦଙ୍କୁ ଭୋଟ ଦେଇ ବିଜେଡିକୁ ପୁଣିଥରେ କ୍ଷମତାକୁ ଆଣିବା ପାଇଁ ନିବେଦନ କରିଥିଲେ। ପ୍ରଥମେ ଦଶହରା ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେବା ପରେ ରୋଡ୍ ଶୋ଼ରେ ପାରାବେଡ଼ାରୁ ବାହାରି ମୁଖ୍ୟରାସ୍ତା ଦେଇ ରଜାନହର, ସେଠାରୁ ପାୱାର ହାଉସ ଛକ, ହାତିଶାଳ, ଗାନ୍ଧୀଛକ, ଟ୍ରାଫିକ ଛକ ଦେଇ ଏୟାରଷ୍ଟ୍ରିପକୁ ଫେରିଥିଲେ ମୁଖ୍ୟମନ୍ତ୍ରୀ।

# କୋରାପୁଟର ୪ ସ୍ଥାନରେ ମାରାଥନ ପ୍ରଚାର

# ନବୀନଙ୍କ ସହ ପ୍ରଚାର କଲେ ଷ୍ଟାର କ୍ୟାମ୍ପେନର

**ସେମିଳିଗୁଡ଼ା/ଦଶମନ୍ତପୁର, ୫।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ସେମିଳିଗୁଡା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତର ବାଙ୍ଗୁରୁଗୁଡ଼ା ପଡ଼ିଆରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗ ଦେଇଛନ୍ତି ନବୀନ। ନିଜ ଅଭିଭାଷଣରେ ସେ କହିଥିଲେ, ଭାଜପା, କଂଗ୍ରେସ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆଦିବାସୀ ପିଲାଙ୍କ ମୁହଁରୁ ହସ ଛଡ଼ାଇବା ପାଇଁ କେବିକେ ଯୋଜନାକୁ ବନ୍ଦ କରିଛନ୍ତି। ତାଙ୍କ ଉପସ୍ଥିତିରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ଗୋଲୁରୁ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ଭାଜପାର ନେତା ଘାସିରାମ ସୁପିଆ, ନନ୍ଦପୁର ବ୍ଲକ କଂଗ୍ରେସ ଅଧ୍ୟକ୍ଷ ମଧୁ ମୁଦୁଲି ଏବଂ ଉପାଧ୍ୟକ୍ଷ ନିଲମ ଖରା ମଧ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଛନ୍ତି। ଏହି ସାଧାରଣ ସଭାରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ପୁରୁଖା ନେତା ଏବଂ ଭୁବନେଶ୍ୱରରୁ ଷ୍ଟାର କ୍ୟାମ୍ପେନର ବିଜେଡି ପାଇଁ ଭୋଟ ମାଗିଛନ୍ତି। ସେମାନଙ୍କ ମଧ୍ୟରେ ଅଭିନେତା ପୁପିନ୍ଦର, ଟିଭି ଅଭିନେତା ତୁଷାର ଏବଂ ଲିନା, ହାସ୍ୟ ଅଭିନେତା ପ୍ରଜ୍ଞା ଏବଂ ଶଙ୍କର, ଗାୟକ ସଂଗ୍ରାମ ମହାନ୍ତି ବିଜେଡି ପାଇଁ ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ପଟ୍ଟାଙ୍ଗୀ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରୀତମ ପାଢ଼ୀ, ପ୍ରଫୁଲ୍ଲ ପାଙ୍ଗୀ, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଅମିତ ଅଗ୍ରୱାଲ, ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, କୋରାପୁଟ ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କା, ପ୍ରଭାତ ସୁତାର ଉପସ୍ଥିତ ଥିଲେ।

ଦଶମନ୍ତପୁର ସଦର ବଦଲିକୁଡୁମାସ୍ଥିତ ଆମ୍ବଖୋଟଲାଠାରେ ବିଜୁ ଜନତା ଦଳର ଏକ ବିରାଟ ନିର୍ବାଚନୀ ସଭ ଅନୁଷ୍ଠିତ ହୋଇଛି । ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଶିବ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ବିଜେଡିର ଜିଲା ଉପସଭାପତି ନାରାୟଣ ବିଷୋୟୀ ସ୍ୱାଗତ ଭାଷଣ ଦେଇଥିଲେ । ୨୫ ହଜାର ଜନ ସମାବେଶରେ ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଓ ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନିଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନତାଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପହଞ୍ଚିବା ପୂର୍ବରୁ ଓଡ଼ିଆ ସିନେ ତାରକା ବବି ମିଶ୍ର ଏବଂ ତାଙ୍କ ସାଥୀମାନେ ଦର୍ଶକଙ୍କୁ ମନୋରଞ୍ଜନ ସହ ବିଜେଡି ପାଇଁ ପ୍ରଚାର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣରେ ଅନୁପ୍ରାଣିତ ହୋଇ ଗିର୍ଲିଗୁମ୍ମା ସରପଞ୍ଚ ପୀତବାସ ମୁଦୁଲିଙ୍କ ସମେତ ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକର ୬ ଜଣ କଂଗ୍ରେସ ଓ ଭାଜପା ନେତା ବିଜେଡିରେ ସାମିଲ ହୋଇଥିଲେ । ଶେଷରେ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା ଧନ୍ୟବାଦ ଦେଇଥିଲେ।

NECC NATIONAL EGG CO-ORDINATION COMMITTEE 05.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers

## ନିର୍ମାଣ ଲେବର କଣ୍ଟ୍ରାକ୍ଟର ଆବଶ୍ୟକ

ଶିଳ୍ପୋଦ୍ୟୋଗ ଓ ଉଚ୍ଚ ସ୍ତରୀୟ ଅଟ୍ଟାଳିକା ନିର୍ମାଣ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ସଂପନ୍ନ ଏକ ନିର୍ମାଣ କମ୍ପାନି ଏହାର ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶରେ ଆଗାମୀ ପ୍ରକଳ୍ପ ଲାଗି ଲେବର କଣ୍ଟ୍ରାକ୍ଟର ଆବଶ୍ୟକ କରୁଛି । ଏହି ଲେବର କଣ୍ଟ୍ରାକ୍ଟରଙ୍କ ପ୍ରାୟ ୧୦୦ରୁ ୧୫୦ ସଂଖ୍ୟକ କୁଶଳୀ କର୍ମୀ ଯୋଗାଣ କରିପାରୁଥିବାର କ୍ଷମତା ରହିଥିବ ଯାହା ମଧ୍ୟରେ ସଟରିଂ କାମ ସହ ପ୍ଲାଏ ଉଡ୍ / ଆଲୁମିନିୟମ ଫର୍ମ କାମ, ଏମଏସ ପ୍ଲେଟ ପାଇଁ କାର୍ପେଣ୍ଟର ସହ ଷ୍ଟିଲ ରିଇନଫୋର୍ସମେଣ୍ଟ କାମ ପାଇଁ ଫିଟର (ବାର ବେଣ୍ଡର) ରହିଥିବେ। ଉପରୋକ୍ତ ସବୁ କର୍ମଚାରୀ ୨୪ ଘଣ୍ଟା ପାଇଁ ସିଫ୍ଟ ଭିତ୍ତିରେ କାର୍ଯ୍ୟ କରିବାକୁ ସକ୍ଷମ ଥିବେ।

ଲେବର କଣ୍ଟ୍ରାକ୍ଟର ଯେଉଁମାନେ ଏନଏମଆର/ ବର୍ଗ ମିଟର ଭିତ୍ତିରେ କାର୍ଯ୍ୟ କରବାକୁ ଆଗ୍ରହୀ ଥିବେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଦରକାର ରହିଛି। ଯଥା ଶୀଘ୍ର ପ୍ରକଳ୍ପ ସମାପ୍ତି ଉପରେ ପ୍ରୋତ୍ସାହନ ଦିଆଯିବ।

ଇଚ୍ଛୁକ କଣ୍ଟ୍ରାକ୍ଟର ମାନେ ଦୟାକରି ନିଜର ପ୍ରୋଫାଇଲକୁ ଏହି ଠିକଣାରେ ପଠାଇବା ଆବଶ୍ୟକ।

dgmcivil@priyacement.com | Call:7680888547 / 7680091039

## ସଂକ୍ଷେପରେ

### ବନ୍ଧୁକ ସହ ୨ ଗିରଫ

ପାରଳାଖେମୁଣ୍ଡି, ୫।୪ (ସ୍ୱ.ପ୍ର.) - ଗଜପତି ଜିଲା ମୋହନା ପୋଲିସ ମୋହନା ଥାନା ଅନ୍ତର୍ଗତ ହିଚାଗଣ୍ଡି ଗ୍ରାମ ନିକଟସ୍ଥ ଜଙ୍ଗଲ ଅଞ୍ଚଳରୁ ବନ୍ଧୁକ ସହ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବେଡ଼ିଙ୍ଗି ଗ୍ରାମର ରବି ମଲ୍ଲିକ ଓ ହରିରାଜ ମଲ୍ଲିକ । ସେମାନଙ୍କଠାରୁ ଦୁଇଟି ବନ୍ଧୁକ ସହ କିଛି ଗନ୍ ପାଉଡର ଜବତ କରାଯାଇଛି । ଏ ନେଇ ମୋହନା ଥାନାରେ ପୋଲିସ ଏକ ମାମଲା (ନଂ ୬୨/୧୯) ରୁଜୁ କରିଥିବା ଏସ୍.ଆଇ. ପିଙ୍କି ମୁର୍ମୁ ଓ ହେମନ୍ତ ସେଠୀ ପ୍ରକାଶ କରିଛନ୍ତି । ଏଥିରେ ସିଆଇଏସ୍ଏଫ୍ ଫୋର୍ସ ସାମିଲ ହୋଇଥିଲେ । ଶନିବାର ଉକ୍ତ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ।

### ୨ ଅନାଥ ଶିଶୁଙ୍କୁ ଥଇଥାନ

ପାରଳାଖେମୁଣ୍ଡି, ୫।୪ (ସ୍ୱ.ପ୍ର.) - ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶିଶୁ କଲ୍ୟାଣ ସମିତି ଦ୍ୱାରା ୨ଜଣ ଅନାଥ ଶିଶୁଙ୍କୁ ଥଇଥାନ କରାଯାଇଛି । ଗୁମ୍ମା ବ୍ଲକ ଜୀବା ଗ୍ରାମର ଜଣେ ୧୨ବର୍ଷର ଅନାଥ ନାବାଳକଙ୍କର ମା ବାପା ମୃତ୍ୟୁବରଣ କରିଛନ୍ତି । ତାଙ୍କ ପରିବାରର ଆଉ କେହି ସଦସ୍ୟ ତାଙ୍କୁ ଲାଳନ ପାଳନ କରିବା ଭଳି ନାହାନ୍ତି । ତେଣୁ ସେ ୮୦ବର୍ଷ ବୟସ୍କ ତାଙ୍କ ଆଈଙ୍କ ପାଖରେ ରହି ପଢୁଥିଲେ। ହେଲେ ବର୍ତ୍ତମାନ ତାଙ୍କ ଆଈ ତାଙ୍କୁ ପାଳନ ପୋଷଣ କରିବାକୁ ଅସମର୍ଥ ହେଉଛନ୍ତି । ଉକ୍ତ ନାବାଳକଙ୍କୁ ଜିଲା ଶିଶୁ କଲ୍ୟାଣ ସମିତି ଦ୍ୱାରା ଉଦ୍ଧାର କରାଯାଇ ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀ ସ୍ମୃତି ଉଚ୍ଚ ବିଦ୍ୟାଳୟଠାରେ ଥିବା ଅର୍ବାନ ହେଷ୍ଟେଲରେ ଥଇଥାନ କରାଯାଇଛି । ସେହିପରି ୨୦୧୨ରେ କନ୍ୟାକୁମାରୀରୁ ଉଦ୍ଧାର କରାଯାଇଥିବା ଜଣେ ୧୫ବର୍ଷିଆ ନାବାଳିକାଙ୍କୁ ଗୁମ୍ମା ବ୍ଲକ ତରଭା କଲୋନୀଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥଇଥାନ କରାଯାଇଥିଲା। ପରେ କେ.ସି.ପୁରସ୍ଥିତ କନ୍ୟାଶ୍ରମରେ ତାଙ୍କୁ ୯ମ ଶ୍ରେଣୀରେ ପାଠ ପଢିବା ପାଇଁ ନାମ ଲେଖାଯାଇଥିବା ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା ଜଣାଇଛନ୍ତି ।

# ଜଙ୍ଗଲରେ ପୋତାଯାଇଥିବା ବିସ୍ଫୋରକ ସାମଗ୍ରୀ ଜବତ

**ପାରଳାଖେମୁଣ୍ଡି, ୫।୪ (ସ୍ୱ.ପ୍ର.)**

ମୋହନା ଥାନା ଅନ୍ତର୍ଗତ ମଳାସପଦର ଗ୍ରାମ ଭାଲିଆଗୁଡା ଜଙ୍ଗଲରେ ପୋତାଯାଇଥିବା ଏକ ବନ୍ଧୁକକୁ ପୋଲିସ ଶୁକ୍ରବାର ଜବତ କରିଛି। ଏଥିସହ ୫.୫୬ ଏମ୍ଏମ୍‌ର ୪୪ ଟି ଜୀବନ୍ତ ଗୁଳ, ୧୩ ଟି ୭.୬୨ଏମ୍ଏମ୍‌ର ଏସ୍.ଏଲ୍.ଆର୍. , ୨୯ଟି ଏକେ୪୭ର ଗୁଳିଗୋଳା ଜବତ କରାଯାଇଛି।

ବିଶେଷସୂତ୍ରରୁ ଖବରପାଇ ଥାନା ଅଧିକାରୀ ଆଲୋକ ରଞ୍ଜନ ଜଗଦଲ, ଏସ୍.ଆଇ. ସିନ୍ଧୁ ସରକାର ଉକ୍ତ ଅଞ୍ଚଳକୁ ଯାଇ ଖୋଳତାଡ କରିଥିଲେ । ପରେ ପୋତା ଯାଇଥିବା ଜାଗା ଠାବ କରାଯାଇ ସେଠାରୁ ବନ୍ଧୁକ ଓ ବିସ୍ଫୋରକ ଜବତ କରିଥିଲେ । ଜବତ ବିସ୍ଫୋରକ ସାମଗ୍ରୀ ୨୦୦୮ରେ ନୟାଗଡରେ ମାଓବାଦୀ ଆକ୍ରମଣ ଏବଂ ଲୁଟ ହୋଇଥିବା ବିସ୍ଫୋରକ ସାମଗ୍ରୀ ବୋଲି ପୋଲିସ ସନ୍ଦେହ କରୁଛି । ପାଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି ।

# ନିର୍ବାଚନ ନେଇ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ।

**ପାରଳାଖେମୁଣ୍ଡି, ୫।୪ (ସ୍ୱ.ପ୍ର.)**

ସାଧାରଣ ନିର୍ବାଚନକୁ ନେଇ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକେ ଯେପରି ଅଧିକରୁ ଅଧିକ ଭୋଟଦାନରେ ଯୋଗ ଦେଇପାରିବେ ସେଥିପ୍ରତି ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଥିବା କହିଛନ୍ତି । ଛାତ୍ରୀଛାତ୍ରମାନଙ୍କର ଏପରି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କର ଅଭିଭାବକମାନେ ଭୋଟଦାନ ପାଇଁ ସଚେତନ ହୋଇପାରିବେ ବୋଲି ପ୍ରଶାସନ ପକ୍ଷରୁ ଏହିପରି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିରେ ଜିଲା କ୍ରୀଡାଧିକାରୀ ପ୍ରଭାକର ତ୍ରିପାଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବିଚନ୍ଦ୍ର ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶୁଣ୍ଢିଗୁଡ଼ାରେ ପ୍ରାକ୍ ରାଜନୈତିକ ହିଂସା

**ଜୟପୁର,୫।୪(ନି.ପ୍ର.)**

ଜୟପୁର ସଦର ଥାନା ଅନ୍ତର୍ଗତ ଶୁଣ୍ଢିଗୁଡ଼ାରେ ରାଜନୈତିକ ହିଂସା ଦେଖାଦେଇଛି। ୨ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଛି । ଗତ ୨ତାରିଖ ରାତିରେ ରାଜନୈତିକ ଦଳର କର୍ମୀମାନେ ଅନ୍ୟ ଦଳର କର୍ମୀଙ୍କୁ ନିସ୍ତୁକ ମାଡ ମାରିଥିବା ନେଇ ପିଡୁ ପାଇକ ସଦର ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ୬୭/୧୯ରେ ମାମଲା ରୁଜୁ କରି ୪ ଜଣଙ୍କୁ ଅଟକ ରଖି ୪୧ ସିଆରପିସିରେ ବେଲରେ ଛାଡ଼ିଥିଲା। ଗୁରୁବାର ଲକ୍ଷ୍ମୀ ପାଇକ ନାମକ ଜଣେ ମହିଳା ତାଙ୍କୁ ଅନ୍ୟ ରାଜନୈତିକ ଦଳର ୧୦ ଜଣ ମାଡ଼ ମାରିଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୬୮/୧୯ରେ ମାମଲା ରୁଜୁ କରାଯାଇଛି । ପୋଲିସ ତଦନ୍ତ କରୁଥିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧ ପ୍ଲାଟୁନ ପୋଲିସ ମୁତୟନ ହୋଇଥିବା ଏସଡିପିଓ ସାଗରିକା ନାଥ କହିଛନ୍ତି।

# ବିଦ୍ୟାଳୟ ସମସ୍ୟାକୁ ନେଇ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ

**ପାରଳାଖେମୁଣ୍ଡି, ୫।୪ (ସ୍ୱ.ପ୍ର.)**

ମୋହନା ବ୍ଲକ ଚାନ୍ଦିପୁଟଠାରେ ଥିବା ଆଦିବାସୀ ବାଳିକା ବିଦ୍ୟାପୀଠର ବିଭିନ୍ନ ସମସ୍ୟା ନେଇ କର୍ମଚାରୀମାନେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଉପସ୍ଥାନ ଖାତା ଏବଂ ଅନ୍ୟ ବିଷୟ ନେଇ ଆଲୋଚନା ହେଉଥିଲା । ଏହି ସମୟରେ ସାମାନ୍ୟ ବଚସା ହେବାରୁ ପ୍ରଧାନ ଶିକ୍ଷୟିତ୍ରୀ ଜଣେ ବରିଷ୍ଠ ଶିକ୍ଷକ ଛବିପ୍ରିୟ ପାଣିଗ୍ରାହୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ । ଏହା ଦ୍ୱାରା ବିଦ୍ୟାଳୟ ପରିସରରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା । ଏହାର ସମାଧାନ ନେଇ କର୍ମଚାରୀମାନେ ମିଳିତ ଭାବେ ପରିଚାଳନା କମିଟିକୁ ଲିଖିତ ଭାବେ ଜଣାଇଥିଲେ । ହେଲେ ଉକ୍ତ ପରିଚାଳନା କମିଟି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟ ପରିଚାଳନା କମିଟି ସରକାରଙ୍କ କୌଣସି ନିର୍ଦ୍ଦେଶନାମା ଓ ଅଧିନିୟମ ଅନୁସାରେ ଗଠିତ ହୋଇ ନାହିଁ । ପ୍ରଧାନ ଶିକ୍ଷୟିତ୍ରୀ ପରିଚାଳନା କମିଟିକୁ ଏପରି ଭାବେ ଗଠନ କରିଛନ୍ତି । ଯାହାଦ୍ୱାରା ପରିଚାଳନା କମିଟି ମାଧ୍ୟମରେ ବିଦ୍ୟାଳୟର କର୍ମଚାରୀମାନେ ବାରମ୍ବାର ମାନସିକ ନିର୍ଯାତନା ପାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏନେଇ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ, ବର୍ତ୍ତମାନ ନିର୍ବାଚନ ନେଇ ବ୍ୟସ୍ତ ଅଛି । ଏହି ଘଟଣାର ତଦନ୍ତ କରି ସମାଧାନ କରାଯିବ ବୋଲି ସେ କହିଛନ୍ତି । ଅଭିଯୋଗ କରିବା ସମୟରେ ବିଦ୍ୟାଳୟର କର୍ମଚାରୀ ଦୟାନିଧି ପାଣିଗ୍ରାହୀ, ବଳରାମ ମହାଙ୍କୁଡ, ତପନ କୁମାର, ଟି.ମାଳି ପ୍ରମୁଖ ଉପସ୍ଥିତ ଥିଲେ।




ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା କର୍ମଚାରୀମାନେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

